# କାରଗାର

କବି ରଘୁନାଥ ଦାସ

କାରାଗାର! କାରାଗାର!

ହେ ନିର୍ବାକ୍! ହେ ନିସ୍ପନ୍ଦ!

ହେ ପ୍ରତୀକ ଭଗ୍ନଜାନୁ ସଭ୍ୟତାର!

କାରାଗାର! କାରାଗାର!

ଉଦ୍ଧତ ପ୍ରାଚୀର, ନିସ୍ପନ୍ଦ ଆକାଶ,

ନିଃସଙ୍ଗ ପ୍ରକୋଷ୍ଠ, ନିର୍ଜନ ନିବାସ,

ଲୁହାର ନିଗଡ଼େ ପ୍ରହରୀ ସଂତ୍ରାସ,

ଚତୁର୍ଦ୍ଦିଗେ ଅନାବୃତ ଅନ୍ଧକାର......ଅନ୍ଧକାର!

କାରାଗାର! କାରାଗାର!

ନାହିଁ ପତ୍ନୀପତ୍ର, ନାହିଁ ବନ୍ଧୁଜନ,

ନାହିଁ ଆଶ୍ବାସନା ପ୍ରୀତି ସମ୍ଭାଷଣ,

ହିଂସା-ଜର୍ଜରିତ ନିଭୃତ ଜୀବନ,

ଧୂଧୂ ମରୁବାଲି , ଖାଲି ହାହାକାର......ହାହାକାର!

କାରାଗାର! କାରାଗାର!

ତୁମେ ତ ଦେଖିବ ଜତୁଗୃହ ଦାହ,

www.jatayu.org

# କାରଗାର

କବି ରଘୁନାଥ ଦାସ

ଜୀବନେ ସ୍ରୋତର ଅଶାନ୍ତ ପ୍ରବାହ,

ଆର୍ତ୍ତା ପାଞ୍ଚାଳୀର ଅଶ୍ରୁ ଅସହାୟ,

ନିରଙ୍କୁଶ ଦୁଃଶାସନ, ମଦମତ୍ତ ଅହଂକାର!

କାରାଗାର! କାରାଗାର!

ତୁମେ ତ ଦେଖିଛ କ୍ଷମତାର କ୍ଷୁଧା,

ପୃଥ୍ବୀ ଜିଣିବାର ଚୂଡ଼ାନ୍ତ ମସୁଧା,

କ୍ରୁର ବିଦାରଣେ ବିକ୍ଷୁବ୍ଧ ବସୁଧା,

ଯୁଦ୍ଧ, ହତ୍ୟା, ରକ୍ତପାତ, ହିଂସାନଳ ଦୁର୍ନିବାର ।

କାରାଗାର! କାରାଗାର!

ଘନ ହତାଶର ଯୋଗାସନ ପାତି

ପୁହାଇଛି କେତେ ତନ୍ଦ୍ରାହୀନ ରାତି;

ବିକଟ ଗର୍ଜିଛି କଳଙ୍କ କୁଖ୍ୟାତି

ଶିରେ ତୁମେ ହାଣି ହାଣି ବିଷଫଣା କଳିମାର!

କାରାଗାର! କାରାଗାର!

ଅନାଗତ ଲାଗି ଦୀପ୍ତ ଯେଉଁ ପ୍ରାଣ

www.jatayu.org

# କାରଗାର

କବି ରଘୁନାଥ ଦାସ

ଜୀବନ ମରଣ କରି ତୁଚ୍ଛ ଜ୍ଞାନ
ଐକାନ୍ତିକ ଲୋଡା ଜ୍ୟୋତିର ସନ୍ଧାନ
ଆତ୍ମାହୁତି ମହାମନ୍ତ୍ରେ,ଯଜ୍ଞବେଦୀ ତୁମେ ତା'ର ।
କାରାଗାର! କାରାଗାର!
ଅମାବାସ୍ୟାର ଗ୍ଲାନି-ଗଭୀର ଭାରତ...
ଅବିଚଳିତ ତୁମେ ତପସ୍ୟାରେ ରତ;
କ୍ଳାନ୍ତିହୀନ ନେତ୍ରେ ଚାହିଁରହ ପଥ
ଯୁଗେ ଯୁଗେ ଏ ନିଶିଥେ ନିଶ୍ଚିତତା ଆସିବାର ।

କାରାଗାର! କାରାଗାର!
ଦେବକୀ ଲୋତକ ସିକ୍ତ ତୁମ କକ୍ଷେ
ଜନ୍ମେ ଯେ ନନ୍ଦନ ପ୍ରହରୀ ଅଲକ୍ଷ୍ୟେ,
ଛିଡାଇ ଶୃଙ୍ଖଳ ଚଳେ ସେ ନିଃଶଙ୍କେ
ବାସୁକୀର ଫଣାତଳେ ସ୍ରୋତକାଟି ଯମୁନାର ।

କାରାଗାର! କାରାଗାର!
କବି ଭାବୁକର ରକ୍ତିମ ସପନ;

www.jatayu.org

# କାରଗାର

କବି ରଘୁନାଥ ଦାସ

ବିଚିତ୍ର କରିଛି ଆବଦ୍ଧ ଅଙ୍ଗନ;

ତୁମେ ଅକାମୀର ସୂତିକା-ଭବନ

ହେ ଉଦାର! ହେ ପବିତ୍ର!

ଘେନ ମୋ ନମସ୍କାର ।

www.jataayu.org